# ସାଲିମାର ପେଣ୍ଟସର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୧୭: (ଅଭୟ ଦାଶ)

ଦେଶର ପ୍ରମୁଖ ପେଣ୍ଟ ବ୍ରାଣ୍ଡ ତଥା ସାଲିମାର ପେଣ୍ଟସ ଲିମିଟେଡର ନୂତନ ଉତ୍ପାଦ ବା ଫ୍ଲାଗଶିପ ପ୍ରଡକ୍ଟ 'ହିରୋ'ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି କମ୍ପାନୀର ଅଭିନବ କ୍ୟାମ୍ପେନ ଅପଗ୍ରେଡ୍ କିୟା କ୍ୟା'ର ଏହା ଏକ ଅଂଶ ହୋଇ ରହିଛି, ଯାହା ଉପଭୋକ୍ତାମାନଙ୍କୁ ଉତ୍କୃଷ୍ଟମାନର ଟେକ୍ନୋଲୋଜି ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା ପେଣ୍ଟଗୁଡିକ ସହ ନିଜର ଘରଗୁଡିକୁ ଉନ୍ନତ କରିବା ପାଇଁ ଅନୁପ୍ରାଣିତ କରୁଛି। ଏ ସମ୍ପର୍କରେ ସାଲିମାର ପେଣ୍ଟସର ସେଲ୍ସ ଓ ମାର୍କେଟିଂ ବିଭାଗର ନିର୍ଦ୍ଦେଶକ କୁଲଦୀପ ରାଇନା କହିଛନ୍ତି, ଏହି କାର୍ଯ୍ୟକ୍ରମ ଉଦ୍ଭାବନ ଓ ଉତ୍କର୍ଷତା ହାସଲ କରିବା ପ୍ରତି ସାଲିମାର ପେଣ୍ଟସର ନିରନ୍ତର ପ୍ରୟାସକୁ ସୂଚିତ କରୁଛି। ଆମେ ହିରୋ ସୁପର ପ୍ରିମିୟମ ଇଣ୍ଟେରିୟର ଇମାଲସନର ସଫଳତା ଦ୍ୱାରା ଉତ୍ସାହିତ ଅଛୁ, ଯାହା ଏକ ବର୍ଷ ମଧ୍ୟରେ ଗ୍ରାହକଙ୍କ ମଧ୍ୟରେ ପ୍ରମୁଖ ପସନ୍ଦର ବିକଳ୍ପରେ ପରିଣତ ହୋଇଛି। ଉଡ୍ କୋଟିଂ ଓ ଜିରୋ ଡ୍ୟାମ୍ପ ୱାଟରପ୍ରୁଫିଂ ପ୍ରଡକ୍ଟ ସମେତ ଆମର ବିସ୍ତୃତ ଶୃଙ୍ଖଳା ବିଶେଷକରି ମୌସୁମୀ ଆସିଥିବାରୁ କାନ୍ଥଗୁଡିକୁ ଆର୍ଦ୍ରତା ଓ କ୍ଷତିରୁ ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ଅଟେ। ଆମେ ନିଶ୍ଚିତ ଯେ ଏହି ନୂତନ ଉତ୍ପାଦଗୁଡିକୁ ଆମର ଗ୍ରାହକମାନେ ବହୁମାତ୍ରାରେ ଗ୍ରହଣ କରିବେ। ସେହିଭଳି ସାଲିମାର ପେଣ୍ଟସ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ଇଲାଷ୍ଟୋମେରିକ ଗୁଣ ଓ ଫାଇବରର ସୁଦୃଢ଼ତା ବିଶିଷ୍ଟ ୱାଟରପ୍ରୁଫିଙ୍ଗ୍ ସଲ୍ୟୁଶନ୍‌ଗୁଡିକର ଏକ ଆଧୁନିକ କଲେକ୍ସନ ବୋଲି କୁହାଯାଉଛି। ଏପରିକି ଏହା ୱାଟର ସିପେଜ ଓ ଢାଞ୍ଚାଗତ କ୍ଷତିକୁ ରୋକିବା ପାଇଁ ଉତ୍କୃଷ୍ଟ କ୍ରାକ୍-ବ୍ରିଜିଂ କ୍ଷମତା ସୁନିଶ୍ଚିତ କରିଥିଲାବେଳେ ପ୍ରଭାବୀ ରୂପେ କ୍ଷୁଦ୍ରତମ ଫାଟଗୁଡିକୁ ମଧ୍ୟ ବନ୍ଦ ବା ସିଲ୍ ମଧ୍ୟ କରିଥାଏ। ସେହିପରି ସ୍ଥାୟିତ୍ୱ ପ୍ରତି କମ୍ପାନୀର ପ୍ରତିବଦ୍ଧତା ଜିରୋ ଡ୍ୟାମ୍ପ ଆଡ୍‌ଭାନ୍ସ ଓ ଜିରୋ ଡ୍ୟାମ୍ପ ସ୍ମାର୍ଟ ଭଳି ଉତ୍ପାଦଗୁଡିକରେ ପ୍ରଦର୍ଶିତ ହେଉଛି, ଯାହା ଡୁଆଲ ସିପେଜ ରେଜିଷ୍ଟାନ୍ସ ଦେଇଥାଏ।